# Official Spokesperson's response to media queries regarding Pakistan's proposal to reopen the Kartarpur corridor

October 03, 2020

---

## କରତାରପୁର କରିଡର ଖୋଲିବାକୁ ପାକିସ୍ତାନର ପ୍ରସ୍ତାବ ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅକ୍ଟୋବର** 03, 2020

**କରତାରପୁର କରିଡର ଖୋଲିବାକୁ ପାକିସ୍ତାନର ପ୍ରସ୍ତାବ ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତି:**

ଆପଣ ଜାଣିଥିବେ, କୋଭିଡ-19 ମହାମାରୀ ଯୋଗୁଁ ଯାତାୟତ ସ୍ଥଗିତ ରଖାଯାଇଥିଲା। ଗୃହ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମେତ ଆମେ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛୁ। କୋଭିଡ ପ୍ରୋଟୋକଲ୍ ଏବଂ କଟକଣା କୋହଳ ନିୟମକୁ ଦୃଷ୍ଟିରେ ରଖି କରତାରପୁର କରିଡର ପୁନଃ ଖୋଲିବା ପାଇଁ ନିଷ୍ପତ୍ତି ନିଆଯିବ।

ଗତ ବର୍ଷ କରତାରପୁର କରିଡର ଖୋଲିବା ସମୟରେ ଏବଂ ଅକ୍ଟୋବର 2019 ରେ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ଚୁକ୍ତିରେ ନିଷ୍ପତ୍ତି ନିଆଯାଇଥିଲା ଯେ ତୀର୍ଥଯାତ୍ରୀଙ୍କର ନିରାପଦ ତଥା ଅସୁବିଧାମୁକ୍ତ ଗମନାଗମନ ପାଇଁ ଉଭୟ ପକ୍ଷ ଯଥାଶୀଘ୍ର ବୁଧି ରବି ନାଳ ଉପରେ ଏକ ସେତୁ ନିର୍ମାଣ କରିବା ସହିତ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ କରିବେ। ଏକ ବର୍ଷ ପରେ ମଧ୍ୟ ପାକିସ୍ତାନ ସେତୁ ନିର୍ମାଣ କରିନାହିଁ, କିନ୍ତୁ ଆମ ତରଫରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପାକିସ୍ତାନ ସହିତ ଏକ ବୈଷୟିକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା ଏବଂ 27 ଅଗଷ୍ଟ 2020 ରେ ଦୁଇଟି ଦଳ ଭେଟିଥିଲେ। ତଥାପି ପାକିସ୍ତାନ ତରଫରେ କିଛି ଅଗ୍ରଗତି ହୋଇନାହିଁ।

**ନୂଆଦିଲ୍ଲୀ**
**ଅକ୍ଟୋବର** 03, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.